# Earthquake relief assistance to Türkiye

February 06, 2023

## ତୁର୍କୀକୁ ଭୂମିକମ୍ପ ସହାୟତା

**ଫେବୃଆରୀ 06, 2023**

ଆଜି ତୁର୍କୀରେ ହୋଇଥିବା ଭୂମିକମ୍ପର ମୁକାବିଲା କରିବା ପାଇଁ ସମସ୍ତ ସମ୍ଭାବ୍ୟ ସହାୟତା ପ୍ରଦାନ କରିବାକୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରଧାନମନ୍ତ୍ରୀଙ୍କ ମୁଖ୍ୟ ଶାସନ ସଚିବ ଡକ୍ଟର ପି କେ ମିଶ୍ର ସାଉଥ୍ ବ୍ଲକରେ ଏକ ବୈଠକ କରି ତୁରନ୍ତ ରିଲିଫ୍ ବ୍ୟବସ୍ଥା ଉପରେ ଆଲୋଚନା କରିଛନ୍ତି। ତୁର୍କୀ ସରକାରଙ୍କ ସହ ସମନ୍ୱୟ ରକ୍ଷା କରି ତୁରନ୍ତ ରିଲିଫ୍ ସାମଗ୍ରୀ ସହିତ ଏନଡିଆରଏଫର ସନ୍ଧାନ ଓ ଉଦ୍ଧାରକାରୀ ଦଳ ଏବଂ ଚିକିତ୍ସକ ଦଳ ପଠାଯିବ ବୋଲି ଏହି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

ବିଶେଷ ତାଲିମପ୍ରାପ୍ତ କୁକୁର ସ୍କ୍ୱାଡ ଓ ଆବଶ୍ୟକୀୟ ଯନ୍ତ୍ରପାତି ସହିତ 100 ଜଣ କର୍ମଚାରୀଙ୍କୁ ନେଇ ଏନଡିଆରଏଫର ଦୁଇଟି ଦଳ ସନ୍ଧାନ ଓ ଉଦ୍ଧାର କାର୍ଯ୍ୟ ପାଇଁ ଭୂମିକମ୍ପ ପ୍ରଭାବିତ ଅଞ୍ଚଳକୁ ଯିବାକୁ ପ୍ରସ୍ତୁତ ଅଛନ୍ତି। ଅତ୍ୟାବଶ୍ୟକୀୟ ଔଷଧ ସହିତ ତାଲିମପ୍ରାପ୍ତ ଡାକ୍ତର ଓ ଚିକିତ୍ସା ସହାୟକମାନଙ୍କୁ ନେଇ ଗଠିତ ଚିକିତ୍ସକ ଦଳ ମଧ୍ୟ ପ୍ରସ୍ତୁତ କରାଯାଉଛି। ତୁର୍କୀ ସରକାର ଏବଂ ଅଙ୍କାରରେ ଥିବା ଭାରତୀୟ ଦୂତାବାସ ଏବଂ ଇସ୍ତାନବୁଲରେ ଥିବା କନସୁଲେଟ ଜେନେରାଲ କାର୍ଯ୍ୟାଳୟ ସହିତ ସମନ୍ୱୟ ରକ୍ଷା କରି ରିଲିଫ୍ ସାମଗ୍ରୀ ପଠାଯିବ।

ଏହି ବୈଠକରେ କ୍ୟାବିନେଟ ସଚିବ ଏବଂ ଗୃହ ମନ୍ତ୍ରଣାଳୟ, ଏନଡିଏମଏ, ଏନଡିଆରଏଫ, ପ୍ରତିରକ୍ଷା, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ, ବେସାମରିକ ବିମାନ ଚଳାଚଳ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

**ନୂଆଦିଲ୍ଲୀ**

**ଫେବୃଆରୀ 06, 2023**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.